# Akashvani, Sambalpur

## SAMBALPURI NEWS EVENING BULLETIN

## 28 May 2025- 7.02 pm- 7.12 pm.

********************************************

୧- ଖରିଫ୍ ଋତୁର୍ ଲାଗି ଧାନ୍ ସହେତେ ଭିନ୍ ଭିନ୍ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଲେ କେନ୍ଦ୍ର ସର୍କାର୍ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଉ କିଛି ସମିଆ ଉତ୍ରୁ ମୁଲ୍ ହେବା ରାଜ୍ୟ କେବିନେଟ୍ ବୈଠକ୍ ।

୩- କେନ୍ଦ୍ର ସର୍କାର୍ଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ଆଏବା କାଏଲ୍ ପୁରୀ ଠାନୁ ହେବା ମୁଲ୍ ।

- ଉଦ୍‌ଘାଟନ୍ କର୍‌ବେ କେନ୍ଦ୍ର କୃଷି ମନ୍ତ୍ରୀ ।

୪- ସମ୍ବଲ୍‌ପୁର୍- ଅନୁଗୁଲ୍ ସହେତେ ଭିନ୍ ଭିନ୍ ସହର୍‌କେ ନଗର୍ ବନ ଯୋଜ୍‌ନାଥି ବିକଶିତ୍ କର୍‌ବାର୍‌କେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀଙ୍କୁ ଅନୁରୋଧ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୫- ଓଡ଼ିଶା ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

- ରାଜ୍ୟର୍ ସବୁ ଜିଲ୍ଲାକେ ବର୍ଷା ଲାଗି ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ଏମ୍‌ଏସ୍‌ପି ବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ବସିଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ - ଏମ୍‌ଏସ୍‌ପି ୬୯ ଟଙ୍କା ବଢ଼ାଯାଇଛେ । ଇତାର୍‌ସହେତେ ଧାନର୍ କୁଇଂଟାଲ୍ ପିଛା ଦାମ୍ ୨୩ ଶହ ୬୯ ଟଙ୍କା ହେଇଛେ । ସେନ୍ତା କ୍ୱିଂଟାଲ୍ ପିଛା ଜବ ୩ ଶହ ୨୮ ଟଙ୍କା, ବାଜ୍‌ରା ଦେଢ୍ ଶହ ଟଙ୍କା, ମଡ଼ିଆ ୫ ଶହ ୯୬ ଟଙ୍କାତକ୍ ବଢ଼ାଯାଇଛେ । କ୍ୱିଂଟାଲ୍ ପିଛା ରାହାଡ୍ ଦାଏଲ୍ ୪ ଶହ ୫୦ ଆଉ ମୁଗ୍ ୮୬ ଟଙ୍କା ବଢ଼ାଯାଇଛେ ବଲି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ରାଜ୍ୟ କେବିନେଟ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଉ କିଛି ସମିଆ ଉତ୍‌ରୁ ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେବାର୍‌କେ ଥିବା ଇ ବୈଠକ୍‌ଥି ଆଇନ୍, ପୂର୍ତ୍ତ, ପଂଚାୟତିରାଜ୍, ରାଜସ୍ୱ

ବିଭାଗ୍ର ବହୁତ୍ଟେ ପ୍ରସ୍ତାବ୍କେ ମଞ୍ଜୁରୀ ମିଲିପାରେ ବଲି ଜନାପଡ଼ିଛେ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ I&PR

କେନ୍ଦ୍ର ସର୍କାର୍ଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ଆଏବା କାଏଲ୍ଠାନୁ ଐତିହ୍ୟ ସହର୍ ପୁରୀନୁ ମୁଳ୍ ହେବା । ପୁରୀ ଜିଲ୍ଲାର୍ ସାକ୍ଷୀଗୋପାଲ୍ ପାଖର୍ ବୀରଗୋବିନ୍ଦପୁର୍ କୃଷି ବିଜ୍ଞାନ୍ କେନ୍ଦ୍ର ଠାନେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କାର୍ଯ୍ୟକ୍ରମ୍କେ ଆନୁଷ୍ଠାନିକ୍ ଭାବେ ଉଦ୍ଘାଟନ୍ କର୍ବେ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ଭିନ୍ ଭିନ୍ ମନ୍ତ୍ରୀମାନେ ଯୋଗ୍ ଦେବେ । ଇ ଅବ୍ସରେ କୃଷି ରଥର୍ ଭିଲ୍ ଶୁଭାରମ୍ଭ କରାଯିବା ।

କୃଷି କ୍ଷେତ୍ରର୍ ବିକାଶ୍ ଦିଗେ କେନ୍ଦ୍ର ସର୍କାର୍ଙ୍କର୍ ଯୁଗାନ୍ତକାରୀ ପଦକ୍ଷେପ୍ ମାନ୍କୁ ତୃଣମୂଲ୍ସ୍ତର୍ତକ୍ ପୁହୁଁଚାବାର୍ ଆଉ କୃଷି କ୍ଷେତ୍ରଥି ନୂଆଁ ସୃଜନ୍ ତିଆର୍ କର୍ବାର୍ ଲକ୍ଷ୍ୟଥି ଇ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ମୁଳ୍ କରାଯାଉଛେ । ଆଏବା ୧୨ ତାରିଖ୍ ତକ୍ ଦେଶର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ହେବା ।

ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ଆର୍ଏନ୍ୟୁ/ ସମ୍ବଲପୁର

ପେହେଲ୍ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନା ଆର୍ ଅପରେସନ୍ ସିନ୍ଦୁର୍ ବାବ୍ଦେ ଜନାବାର୍ ଲାଗି ବିଦେଶ୍ ଗସ୍ତଥି ଥିବା ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ମାନେ ଆଏଜ୍ ଭିଲ୍ ଭିନ୍ ଭିନ୍ ଦେଶର୍ ନେତାମାନ୍କୁ ଭେଟିଛନ୍ ।

ସାଂସଦ୍ ସୁପ୍ରିଆ ସୁଲେଙ୍କର୍ ନେତୃତ୍ୱଥି ଯାଇଥିବା ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ଆଏଜ୍ ଦକ୍ଷିଣ ଆଫ୍ରିକାର୍ ମନ୍ତ୍ରୀ ଆଉ ଅଧିକାରୀମାନଙ୍କୁ ଭେଟିକରି ଆତଙ୍କବାଦ ବିରୋଧିଥି ଭାରତ୍ର ଶୂନ୍ୟ ସହନ୍ଶୀଲ୍ ନୀତି ବାବ୍ଦେ ଆଲୋଚନା କରିଛନ୍ ।

ସାଂସଦ୍ କାନିମୋଇ କରୁଣାନିଧିଙ୍କର ନେତୃତ୍ୱଥି ଯାଇଥିବା ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ଆଏଜ୍ ଗ୍ରିସ୍ଠାନେ ପ୍ରତିରକ୍ଷା ବିଭାଗ ଆଉ ଗ୍ରିସ୍-ଭାରତ୍ ବନ୍ଧୁତା ଗୋଷ୍ଠୀ ସଙ୍ଗେ ଆଲୋଚନା କରିଛନ୍ ।

ସେନ୍ତା ସାଂସଦ ସଞ୍ଜୟ କୁମାର ଝା'ଙ୍କର ନେତୃତ୍ୱଥି ଯାଇଥିବା ପ୍ରତିନିଧି ମଣ୍ଡଲୀ ଆଏଜ୍ ଇଣ୍ଡୋନେସିଆଠାନେ ମନ୍ତ୍ରୀମାନ୍କୁ ଭେଟିକରି ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ବାବ୍ଦେ ଆଲୋଚନା କରିଛନ୍ ।

## ମନ୍ତ୍ରୀ, ଅଧିକାରୀ ମାସିକ୍ ଗାଡ଼ି ଖର୍ଚ୍ଚା ହି.ସ.

ରାଜ୍ୟ ସରକାର୍ ମନ୍ତ୍ରୀ ଆଉ ଅଧିକାରୀମାନ୍‌କର୍ ମାସିକ୍ ଗାଡ଼ି ଖର୍ଚ୍ଚା ୫୦ ହଜାର୍ ୪ ଶହ ଟଙ୍କାକେ ବଢ଼େଇଛନ୍ । ଆଘୋନୁ ଥିବା ଗାଡ଼ି ଖର୍ଚ୍ଚା ସୀମାକେ ସଂଶୋଧନ୍ କରିକରି ରାଜ୍ୟ ସରକାର୍ ଇ ପଦକ୍ଷେପ୍ ନେଇଛନ୍ । ପାଖାପାଖି ୬ ବଛର୍ ଉତ୍‌ରୁ ଅଧିକାରୀ ଆଉ ମନ୍ତ୍ରୀମାନ୍‌କର୍ ଗାଡ଼ି ଖର୍ଚ୍ଚା ବଢ଼ାଯାଇଛେ ବଲି ଅର୍ଥ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

## ଅଙ୍କୁର୍ ବୁଝାମଣାପତ୍ର I&PR

ରାଜ୍ୟ ସରକାର୍ ୨୦୩୬ ମସିହାତକ୍ ସ୍ଥିର ଆଉ ନାଗରିକ୍ କୈନ୍ଦ୍ରିକ ସହର୍ ତିଆର୍ କର୍‌ବାର୍ ଲାଗି ଆଏଜ୍ ଭିନ୍ ଭିନ୍ ଜାତୀୟ ଆଉ ଅନ୍ତର୍ଜାତୀୟ ଅଂଶୀଦାର୍ ମାନ୍‌କର୍ ସାଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷର୍ କରିଛନ୍ । ରାଜ୍ୟ ସରକାର୍ 'ଅଟଲ୍ ନେଟ୍‌ୱାର୍କ ଫର୍ ନଲେଜ୍, ସହରୀକରଣ୍ ସଂସ୍କାର୍- ଅଙ୍କୁର୍' କାର୍ଯ୍ୟକ୍ରମ୍ ଜରିଏ ଇ ବୁଝାମଣା ପତ୍ର ସ୍ୱାକ୍ଷର୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି

ଅଙ୍କୁର୍ କାର୍ଯ୍ୟକ୍ରମ୍ ଦକ୍ଷ, ସ୍ମାର୍ଟ ଆଉ ନାଗରିକ୍ କୈନ୍ଦ୍ରିକ ସହର୍ ତିଆର୍ କରିକରି ବିକଶିତ୍ ଓଡ଼ିଶା ଦିଗ୍‌କେ ଗୁଟେ ଆନ୍ଦୋଲନ୍ ଆଏ ବଲି କହିଛନ୍ ।

ଲକ୍ଷପତି ଦିଦି ସମ୍ମିଲନୀ I&PR

ଦେଶର୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନ୍‌କର୍ ସଫଳତାକେ ସମର୍ଥନ୍ କର୍‌ବାର୍ ସହେତେ ଗାଁ ଇଲାକାର୍ ମହିଳା ଉଦ୍ୟୋଗୀମାନ୍‌କୁ ତହଁକାବାର୍ ଲକ୍ଷ୍ୟଥି ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଆଏବା କାଏଲ୍ ଲକ୍ଷପତି ଦିଦି ସମ୍ମିଲନୀ ହେବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବେଶୀ ଭଲ୍ କାମ୍ କରିଥିବା ଲକ୍ଷପତି ଦିଦି ମାନ୍‌କୁ ସମ୍ମାନିତ୍ କର୍‌ବେ ।

ଧର୍ମେନ୍ଦ୍ର ପ୍ରଧାନ୍ - ପରିବେଶ୍ ମନ୍ତ୍ରୀ ସାକ୍ଷାତ୍ ହି.ସ./ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଭେଟି କରି ରାଜ୍ୟର୍ ଭିନ୍ ଭିନ୍

ଇଲାକାକେ ବନ ଯୋଜନାଥି ସାମିଲ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ । ନଗର ବନ ଯୋଜନା ଅଧୀନ୍‌ଥି ଶିଳ୍ପାଂଚଲ୍ ସମ୍ବଲ୍‌ପୁର୍- ଝାର୍‌ସୁଗୁଡ଼ା-ବ୍ରଜରାଜ୍‌ନଗର୍, କୋଇଲା ଖଣି ଇଲାକା ଅନୁଗୁଲ୍-ଢେଙ୍କାନାଲ୍ ଆଉ ଗରମ୍ ଇଲାକା ଟିଟିଲାଗଡ୍- ବଲାଙ୍ଗିର୍‌କେ ନଗର ବନ ଭାବେ ବିକଶିତ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଶ୍ରୀ ପ୍ରଧାନ୍ ପ୍ରସ୍ତାବ୍ ଦେଇଛନ୍ । ଇତାର୍‌ସହେତେ ସମ୍ବଲ୍‌ପୁର୍ ଚିଡ଼ିଆଖାନାର୍ ସମ୍ପ୍ରସାରଣ୍, ଡେବ୍ରିଗଡ୍ ଅଭୟାରଣ୍ୟକେ ବାଘ ସଂରକ୍ଷିତ୍ ଇଲାକା ଭାବେ ବିକଶିତ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ ।

ସେନ୍ତା ଶ୍ରୀ ପ୍ରଧାନ୍ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍‌ଙ୍କୁ ଭେଟିକରି ସମ୍ବଲପୁର୍ ଠାନେ ଚାଷୀମାନ୍‌କର୍ ଲାଗି ଗୁଟେ ଟର୍ମିନାଲ୍ ମାର୍କେଟ୍ କମ୍ପ୍ଲେକ୍ସ ଥାପ୍‌ନା କର୍‌ବାର୍‌କେ ନିବେଦନ୍ କରିଛନ୍ ।

## ପି ଜି ଟି ଶିକ୍ଷକ୍ I&PR

କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ୍- ସି ଆଇ ଇ ଟି ଆଉ ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ନୂଆଦିଲ୍ଲୀ ଏନ୍ ସି ଇ ଆର୍ ଟି ଠାନେ ପି ଜି ଟି ଶିକ୍ଷକ୍ ମାନ୍‌କର୍ ୩ ଦିନିଆ ଦକ୍ଷତା ନିର୍ମାଣ ପ୍ରଶିକ୍ଷଣ ଶିବିର ହେଇଯାଇଛେ ।

ଇଥି ପି.ଏମ୍. ଇ ବିଦ୍ୟା ଅଧୀନ୍‌ଥି ବିଷୟବସ୍ତୁ ବିକାଶ୍ ଦିଗେ ଶିକ୍ଷକ୍‌ମାନ୍‌କୁ ପ୍ରଶିକ୍ଷଣ୍ ଦିଆଯାଉଛେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର୍ ୪୦ ଝନ୍ ପି ଜି ଟି ଶିକ୍ଷକ୍ ଭାଗ୍ ନେଇଛନ୍ ।

ଆଇଆଇଟି ନ ରତୁସ୍ରାବ ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ମାସିକ୍ ରତୁସ୍ରାବ୍ ସମିଆଥି ସଫାସୁତ୍‌ରା ଆଉ ସଂସ୍କାର୍‌କେ ଅପ୍‌ନାବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାମାନ୍‌କୁ ପରାମର୍ଶ ଦେଇଛନ୍ । ଭୁବ୍‌ନେଶ୍ୱର୍ ଆଇଆଇଟି ଠାନେ ହେଇଥିବା ରତୁସ୍ରାବ ବାବଦ୍ ସ୍ୱାସ୍ଥ୍ୟ ଆଉ ସ୍ୱଚ୍ଛତା ସମ୍ମିଳନୀଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା ଇତାକେ ନେଇକରି ଥିବା ଅନ୍ଧବିଶ୍ୱାସ୍ ଆଉ ପ୍ରତିବନ୍ଧକ୍ ଦୂର୍ କର୍‌ବାର୍ ଲାଗି କହିଛନ୍ । ସମ୍ମିଳନୀଥି ରତୁସ୍ରାବ ସମିଆଥି ମହିଳାମାନ୍‌କର୍ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଆଉ ପରିବେଶ୍ ଉପ୍‌ରେ ଆଲୋଚନା କରାଯାଇଛେ ।

ରକ୍ତକର୍କଟ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରକ୍ତକର୍କଟ ରୋଗ୍‌କେ ଚିହ୍ନଟ୍ କର୍‌ବାର୍ ଲାଗି ଆଉ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି' ବଛର୍ ଆଝିରର୍ ଦିନ୍‌କେ ରକ୍ତ କର୍କଟ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ରୋଗ୍ ମୁନୁଷ୍‌ର୍ ଶରୀର୍ ହାଡ଼୍ ଭିତ୍‌ରୁ ମୁଲ୍ ହେଇକରି ରକ୍ତକୋଷ ବନାବାର୍ କାମ୍‌କେ ବାଧା ଦେସି । ହେଥିର୍‌ଲାଗି ରୋଗୀମାନ୍‌କର୍ ରକ୍ତକୋଷ ଠିକ୍ ଭାବେ ନାଇଁ ବଢ଼ିପାରେ । ବିଶ୍ୱ ରକ୍ତ କର୍କଟ ଦିବସ୍ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ରୋଗୀମାନ୍‌କର୍ ମନୋବଳ ବଢ଼ାବାର୍‌କେ ଚେଷ୍ଟା କର୍‌ବାର୍, ସୁସ୍ଥ ଜୀବନ୍‌ଶୈଳୀ ଅପ୍‌ନାବାର୍ ସଚେତନ୍ ହେବାର୍ ଆଉ ସୁରକ୍ଷିତ୍ ରହେବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ        ଦେବ୍‌ଗଡ଼୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଦେବ୍‌ଗଡ଼୍ ଜିଲ୍ଲା ନ ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ଆଉ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶ୍ରୀ ପୂଜାରୀ ସେତୁବନ୍ଧ ଯୋଜ୍‌ନା, ନୂଆଁ ତିଆର୍ ହେଇଥିବା ରାସ୍ତା, ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା, ପିଇବାର୍ ପାଏନ୍

ଯୋଜ୍‌ନା, ସଫେଇ ଆର୍ ବଜେଟ୍ ବ୍ୟବସ୍ଥା ସହେତେ ବହୁତ୍‌ଟେ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ତାର୍ ଉତ୍‌ରୁ ରାଜସ୍ୱ ବିଭାଗ୍‌ର ହାଇଟେକ୍ ସର୍ବେକ୍ଷଣ୍ କାର୍ଯ୍ୟକ୍ରମ୍‌ର ଭିଲ୍ ସମୀକ୍ଷା କରିଛନ୍ ।

ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଆଏଜ୍ ରାତି ନୃସିଂହ ମହାପ୍ରଭୁ ସହରର୍ ଦେବୀଦେବୀଙ୍କୁ ନିଉତା ଦେବାର୍ ଲାଗି ବାହାର୍‌ବେ । ନୃସିଂହ ମହାପୁରୁ ବାଜାଗାଜା ସହେତେ ଗୁଟେ ଶୋଭାଯାତ୍ରାଥି ଭିନ୍ ଭିନ୍ ମନ୍ଦିର୍‌କେ ଯାଇକରି ନିଉତା ଦେବେ ।

ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକାରୀ-କେନ୍ଦୁଝର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦୁଝର୍ ଜିଲ୍ଲା ବଂଶପାଲ୍ ବ୍ଲକ୍‌ର ଶୁଆକାଟି ପଂଚାୟତ୍ ଠିକ୍ ଭାବେ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକାରୀ କରିଥିବାର୍‌ନୁ ଜାତୀୟ

ସ୍ତର୍ଥି ପୁରସ୍କୃତ୍ ହେଇଛେ । ୨୨ ନମ୍ବର୍ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର୍ ଜୁରି ବର୍ଗଥି ଶୁଆକାଟି ପଂଚାୟତ୍ ଇ ପୁରସ୍କାର୍ ପାଇଛେ । ପୁରସ୍କୃତ୍ ହେବାର୍ ଉତ୍ରୁ ଜିଲ୍ଲା ନ ଇ-ଗଭର୍ଣ୍ଣାନ୍ସକେ ଆହୁରି ବ୍ୟାପକ୍ କର୍ବାର୍ ଦିଗେ କାମ୍ କର୍ବେ ବଲି କେନ୍ଦୁଝର୍ ଜିଲ୍ଲାପାଲ୍ ବିଶାଲ୍ ସିଂ କହିଛନ୍ ।

ବୌଦ୍ଧ -ଧାନ୍ ଘିନା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏଜ୍ ଠାନୁ ଡାଲୁଆ ଧାନ୍ ଘିନା ମୁଲ୍ ହେଇଛେ । ମନମୁଣ୍ଡା ମାର୍କେଟ୍ ୟାର୍ଡ଼ ନ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ମଣ୍ଡି ଉଦ୍‌ଘାଟନ୍ କରିଛନ୍ । ଇ ଖେଡ଼ ଜିଲ୍ଲାର୍ ୨୪ ଟା ପେକ୍ସର ୨୨ ଟା କେନ୍ଦ୍ର ଠାନେ ଧାନ୍ ଘିନା ଯାଉଛେ । ଧାନ୍ ବିକ୍‌ବାର୍‌କେ ୬ ହଜାର୍ ୫ ଶହ ୮୬ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ ।

ସି ଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗ୍ ଆଉ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ତର୍ପୁ ଆଏଜଠାନୁ ସି ଏମ୍ ଟ୍ରଫି ଫୁଟ୍‌ବଲ୍

ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ୪ ଟା ଜୋନ୍ କେନ୍ଦୁଝର, ଭୁବ୍‌ନେଶ୍ୱର୍, ସମ୍ବଲ୍‌ପୁର୍, ଗଞ୍ଜାମ୍ ନ ଆନ୍ତଃଜିଲ୍ଲା ଚାମ୍ପିଅନ୍‌ସିପ୍ ହଉଛେ ।

ସମ୍ବଲ୍‌ପୁର୍ ଜୋନ୍‌ଥି ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍‌ଠାନେ ଆଏଜ୍ ସଖାଲ୍ ବେଲା ପହେଲା ମେଚ୍ ସମ୍ବଲ୍‌ପୁର୍ ଆଉ ନୂଆପଡ଼ା ଦଲ୍ ଭିତ୍‌ରେ ଖେଲାଯାଇଥିଲା । ଇଥି ସମ୍ବଲ୍‌ପୁର୍ ଦଲ୍ ୫- ଶୂନ୍ ଗୋଲ୍‌ଥି ଜିତିଛେ ।

ସେନ୍ତା ଉପର୍‌ବେଲା ୨ ନମ୍ବର୍ ମେଚ୍ ଝାର୍‌ସୁଗୁଡ଼ା ଆର୍ ବଲାଙ୍ଗିର୍ ଭିତ୍‌ରେ ଚାଲିଛେ । ମଧ୍ୟାନ୍ତର୍ ତକ୍ ଝାର୍‌ସୁଗୁଡ଼ା ଦଲ୍ ୫-ଶୂନ୍ ଗୋଲ୍‌ଥି ଆଗେ ଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ ଓଡ଼ିଶା ଉପକୂଳ ପୁହୁଁଚିଛେ । ଦକ୍ଷିଣ ଓଡ଼ିଶାର୍ କିଛି ଇଲାକାକେ ମୌସୁମୀ ବାୟୁ ବଢ଼ିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍‌ବଲେ ଦକ୍ଷିଣ ଓଡ଼ିଶାର୍ କେତେଟା ଜାଗା ନ ବର୍ଷା ଲାଗି ରହିଛେ । ଇଥର ପାଗ୍ ଅନୁକୂଲ୍ ଥିବାର୍‌ନୁ ମୌସୁମୀ ବାୟୁ ଜଲ୍‌ଦି ଓଡ଼ିଶା ପୁହୁଁଚିଛେ ।

ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍  ନ ବନିଥିବା  ଲଘୁଚାପ୍ ଆଏବା ୨୪ ଘଂଟା ଭିତ୍‌ରେ ଅବପାତ ରୂପ ନେବା । ଇତାର୍‌ବଲେ ଆଏଜ୍ ରାଜ୍ୟର୍ ସବୁ ଇଲାକା ନ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ନିର୍ଦ୍ଦେଶକ ଡକ୍ଟର୍ ମନୋରମା ମହାନ୍ତି କହିଛନ୍...

(ଭଏସ୍ ଓଭର୍- ଡକ୍ଟର୍ ମନୋରମା ମହାନ୍ତି )